# ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ ଜଗତ

ନୀଳମଣି ପରିଡ଼ା

ଆଧୁନିକ ଓଡ଼ିଆ ଗଳ୍ପର ବିକାଶଧାରାରେ ତରୁଣକାନ୍ତି ମିଶ୍ର ଏକ ସ୍ୱତନ୍ତ୍ର ନାମ ଓ ସ୍ୱତନ୍ତ୍ର ଉଚ୍ଚାରଣ । ପୁରସ୍କାର ଓ ଯଶର ପ୍ରଲୋଭନଠାରୁ ନିଜକୁ ଯଥେଷ୍ଟ ଦୂରରେ ରଖି ପ୍ରଚାର ଓ ପ୍ରସାରରେ ଶାଳୀନତା ତଥା ଖୁବ୍ ସଂଯମତା ରକ୍ଷାକରି ଆସିଥିବା ଗାଳ୍ପିକ ତରୁଣକାନ୍ତି ନିଜର ଉଲ୍ଲେଖଯୋଗ୍ୟ ସିଦ୍ଧିନିମନ୍ତେ ୧୯୯୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡମୀ ପୁରସ୍କାର ଏବଂ ୧୯୬୭ରେ ମର୍ଯ୍ୟାଦାପୂର୍ଣ୍ଣ ଝଙ୍କାର ପୁରସ୍କାର ଓ ୨୦୦୧ ମସିହାରେ ସମ୍ମାନଜନକ ଶାରଳା ପୁରସ୍କାର, ଦିଲ୍ଲୀର 'କଥା' ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ତରଫରୁ ଫକୀର ମୋହନ ଗଳ୍ପ ପୁରସ୍କାର ଲାଭ କରିଛନ୍ତି । ସୁନ୍ଦର କାହାଣୀଟିଏ କହିବା ଛଳରେ ସେ ଜୀବନର ଯେଉଁ ଆଲେଖ୍ୟଟିଏ ଆଙ୍କି ଦିଅନ୍ତି, ତା'ର ମାନବୀୟ ଆକଳନ ଅତୁଳନୀୟ । ସ୍ୱଚ୍ଛନ୍ଦଶୈଳୀ ଓ ବାକ୍ ବିନ୍ୟାସ, ଅନୁଭବର ଗଭୀରତା ତଥା ଚିରନ୍ତନତା ପ୍ରତି ନିଷ୍କପଟ ଅନୁରକ୍ତି ତାଙ୍କ ଗଳ୍ପ ସୃଷ୍ଟିର ବିଶେଷତ୍ୱ । ତାଙ୍କର ସୃଷ୍ଟି ସମ୍ଭାର ମଧ୍ୟରେ 'ଆବର୍ତ୍ତର ଦୁଇଟି ସ୍ୱର' (୧୯୬୯), 'ନିଃସଙ୍ଗତାର ସ୍ୱର' (୧୯୮୦), 'କୋମଳ ଗାନ୍ଧାର' (୧୯୮୪), 'ବହୁବ୍ରୀହି' (୧୯୮୮), 'ପାରାଡାଇଜ ପକ୍ଷୀ ଓ ଜଣେ ନିରସ୍ତ୍ର ଆତତାୟୀ' (୧୯୮୪), 'ବୀତଂସ' (୧୯୯୬), 'ପ୍ରଜାପତିର ଡେଣା ନାହିଁ' (୧୯୯୭), 'ଆକାଶ ସେତୁ' (୧୯୯୯) ଆଦି ପ୍ରଧାନ ।

ଏକ ମଧ୍ୟବିତ୍ତ ପରିବାରରେ ଗାଳ୍ପିକ ତରୁଣକାନ୍ତିଙ୍କର ଜନ୍ମ (କେନ୍ଦୁଝରଗଡ଼ ସହରରେ) ଶିକ୍ଷା ଓଡ଼ିଶା ଓ ଇଂଲଣ୍ଡରେ । ବୃତ୍ତିରେ ସର୍ବଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ । ମାତ୍ର ମଧ୍ୟବିତ୍ତ ମୂଲ୍ୟବୋଧର, ଆଶ୍ୱିନର କଇଁଫୁଲ ପରି ଲୁହ ଜୁଡୁସୁଡୁ ଏହି ଗାଳ୍ପିକ ବୃତ୍ତିରେ ସୃଜନଶୀଳ ସ୍ରଷ୍ଟାଟିଏ । ଏ ସମ୍ପର୍କରେ ତାଙ୍କର ସ୍ୱୀକାରୋକ୍ତି ବଡ଼ ମାର୍ମିକ । ସେ କୁହନ୍ତି, "ମଧ୍ୟବିତ୍ତୀୟ ମୂଲ୍ୟବୋଧ ମୋ ପାଇଁ ନିରାପଦ ପୋତାଶ୍ରୟ । ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ ଓ ମୋର ଜୀବନଧାରା ମଧ୍ୟବିତ୍ତୀୟ । ମୋ ଲେଖାରେ ମୋର ସେହି ଅଭିଜ୍ଞତା ଓ ଅବବୋଧ ରହିବା ସ୍ୱାଭାବିକ । ମଧ୍ୟବିତ୍ତ ମଣିଷର ସୁଖ-ଦୁଃଖ, ଆଶା-ନିରାଶା ଓ ହସ-କାନ୍ଦର ପୃଥିବୀ ଅତି ବିଶାଳ । ତା'ରି ରହସ୍ୟ ଦେଖୁ ଦେଖୁ ମୁଁ ବିସ୍ମୟରେ ହତବାକ୍ ହୋଇଯାଏ । ମୋର ଜନ୍ମ ମଧ୍ୟବିତ୍ତ ପରିବାରରେ । ବଞ୍ଚିଛି ସେହି ମଧ୍ୟବିତ୍ତ ମୂଲ୍ୟବୋଧକୁ ନେଇ । ମୋ ଭାତ ଥାଳିର ଶେଷ ଭାତଟିକୁ ମୁଁ ପୋଛିପୋଛି ଖାଏ, ଅଫିସକୁ ଯିବା ଆସେ ଭଲ ପୋଷାକ ପିନ୍ଧିଥାଏ, ମୋ ବିଛଣା ଚାଦର ଓ ଘରର

ପର୍ଦ୍ଦା ଶସ୍ତା ଓ.ଟି.ଏମ୍. କପଡ଼ାରେ ତିଆରି ।'' ସଂଭବତଃ ସେଥିପାଇଁ ମଧ୍ୟବିତ୍ତ ମଣିଷର ସୁଖ, ଦୁଃଖ, ଅନ୍ତର୍ଦ୍ଦାହ ତାଙ୍କ ଗଳ୍ପାବଳୀକୁ ନିଜସ୍ୱ ଅନୁଭବ ମୌଳିକତା ଓ ଛଳନାହୀନ ଶୈଳୀ ପ୍ରଦାନ କରିଛି ।

ତିନି ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ନିରବଚ୍ଛିନ୍ନ ଭାବରେ ଗଳ୍ପ ରଚନା କରି ଆସୁଥିବା ଅଙ୍ଗୀକାରବଦ୍ଧ ଏହି ଯଶସ୍ୱୀ ଶିଳ୍ପୀ ଜଣକ ନିଜ ଯୋଗ୍ୟତା ନେଇ ସଂଶୟାଚ୍ଛନ୍ନ ପୁଣି ସମ୍ଭାବନା ନେଇ ଆଶାବାଦୀ । ଏହି ସମସ୍ତ ଦ୍ୱିଧା ଭିତରେ ଶିଳ୍ପୀ ନିଃସଙ୍ଗ ହୋଇଗଲେ ବି ସେଥିରେ ତାଙ୍କର କିଛି କହିବାର ନାହିଁ କାରଣ ତାହା ହିଁ ତାଙ୍କର ଅବଶ୍ୟମ୍ଭାବୀ ପରିଣତି, ସେଥିରୁ ତାଙ୍କର ନିସ୍ତାର ନାହିଁ । ତରୁଣକାନ୍ତିଙ୍କ ଅଧିକାଂଶ ଗଳ୍ପ ତାହା ପ୍ରେମ ହେଉ କି ସାମାଜିକ ପ୍ରତିବଦ୍ଧତାର ସ୍ୱାକ୍ଷର ନେଇ ଆତ୍ମପ୍ରକାଶ କରୁ ସବୁଠି ପ୍ରାୟତଃ ଏକ କରୁଣ ପରିବେଶ ଗଢ଼ିଉଠିଥାଏ । ତାଙ୍କର ଅଧିକାଂଶ ଗଳ୍ପଗୁଡ଼ିକ ଜୀବନର ବିୟୋଗାତ୍ମକ ଦୃଶ୍ୟାବଳୀକୁ ନେଇ ଆତଯାତ ଏବଂ ପ୍ରାପ୍ତିଠାରୁ ଅପ୍ରାପ୍ତିର ଯାତନା ଅଧିକ ପ୍ରକଟିତ ଅଥଚ ସେ ନିରାଶାବାଦୀ କି ବିଷାଦବାଦୀ ନୁହନ୍ତି । ଏଥିରେ ଏକ ବଳିଷ୍ଠ ବ୍ୟତିକ୍ରମ ସେ ନିଜେ । ଆଧୁନିକ ଜୀବନର ପ୍ରତ୍ୟେକ ସ୍ତରରେ ଦେଖାଦେଇଥିବା ବ୍ୟର୍ଥତା, ନୈରାଶ୍ୟ, ଅବସାଦ, କ୍ଳାନ୍ତି, ଗ୍ଳାନି ଓ ଅସଫଳତାକୁ ନେଇ ସେ ଗଳ୍ପ ରଚନା କରିଛନ୍ତି । ମାତ୍ର ସେଥିରେ ରହିଛି ଜୀବନର ଆଶାନ୍ୱିତ ଅନ୍ୱେଷଣ ଓ ଆଗ୍ରହ । ମର୍ଯ୍ୟାଦାବନ୍ତ ଶାରଳା ପୁରସ୍କାର ପ୍ରାପ୍ତି ପ୍ରତ୍ୟୁତ୍ତରରେ ଗାଳ୍ପିକ ନିଜେ ସ୍ୱୀକାର କରିଛନ୍ତି ଯେ, ''ଜୀବନର ଦୁଃଖ ଅବସାଦ, ଗ୍ଳାନି ଓ ନୈରାଶ୍ୟର କଥା କହୁଥିଲେ ମଧ୍ୟ ସେ ବିଷାଦବାଦୀ ନୁହନ୍ତି ବରଂ ଜୀବନରେ ଗଭୀର ଆଶାବାଦୀ ।'' ଜୀବନର ରସଘନ କଳାତ୍ମକ ପରିପ୍ରକାଶ କ୍ଷୁଦ୍ରଗଳ୍ପରେ ଗାଳ୍ପିକ ତରୁଣକାନ୍ତି ଜୀବନର ଆଶାନ୍ୱିତ ଆଗ୍ରହ ଓ ଅନ୍ୱେଷଣ ଜାରି ରଖିଥିଲାବେଳେ ଜୀବନ ପ୍ରତି ତାଙ୍କର ସତ୍ୟନିଷ୍ଠପ୍ରତିବଦ୍ଧତା ଯୋଗୁ ଗଳ୍ପରେ ବିୟୋଗାତ୍ମକ ଶେଷ ପରିଣତି ରହିଯାଏ । ଜୀବନର ବହୁ ବର୍ଣ୍ଣାଢ଼୍ୟ ଉଜ୍ଜ୍ୱଳ ଦିଗନ୍ତକୁ ସେ ଯେ ଦେଖିନାହାନ୍ତି ବା ଦେଖନ୍ତି ନାହିଁ ଏକଥା ନୁହେଁ । ଗଳ୍ପ ମାଧ୍ୟମରେ ଜୀବନର ବହୁ ବର୍ଣ୍ଣାଢ଼୍ୟ ଉଜ୍ଜ୍ୱଳ ଦିଗନ୍ତକୁ ଦେଖିଲାବେଳେ ବାସ୍ତବ ପଟ୍ଟଭୂମିରେ ସେପରି ପରଣତି ହିଁ ନିର୍ଦ୍ଧାରିତ ଜଣାପଡ଼େ । ଅନେକ ସମୟରେ ଏସବୁ କଥା କହିବା ନିମନ୍ତେ ଗଳ୍ପଟିଏ ଲେଖିବାକୁ ହୋଇଥାଏ । ଗଳ୍ପର ବିଶ୍ୱସ୍ତ ଶିଳ୍ପୀଟିଏ ପରି ତରୁଣକାନ୍ତି ଅତ୍ୟନ୍ତ ନିଷ୍ଠା, ଆଗ୍ରହ ଓ ଦାୟିତ୍ୱ ସହକାରେ ତାହା ହିଁ କରିଛନ୍ତି ।

ତରୁଣକାନ୍ତି ମିଶ୍ର ଜଣେ ଉଚ୍ଚକୋଟୀର ଓ ବହୁ ସମ୍ଭାବନାର ଗାଳ୍ପିକ ଭାବରେ ସୁପରିଚିତ । ନିମାଇଁ ପଟ୍ଟନାୟକ, ମନୋଜ ଦାସ ଓ କିଶୋରୀ ଚରଣ ଦାସଙ୍କ ଭଳି ଆଡୋଲୋସେନସ୍ ବା କୈଶୋର ଜୀବନକୁ ନେଇ ସେ ଯେପରି 'ଅନେକ ଦୂର', 'ସମ୍ପର୍କ', 'କୋମଳ ଗାନ୍ଧାର' ଓ 'ପ୍ରଜାପତିର ଡେଣାନାହିଁ' ଆଦି ସାର୍ଥକ ଗଳ୍ପ ରଚନା କରିଛନ୍ତି, ସେପରି ସମ୍ବେଦନଶୀଳ 'ଅନେକଦୂର' ଓ 'ଫୁଲ ମଉଳିବାର କାହାଣୀ' ଭଳି ଗଳ୍ପ ରଚନାରେ ହାତ ଦେଇଛନ୍ତି । ନଷ୍ଟାଲଜିଆ ଉପରେ ଯୁବ ଉନ୍ମାଦନା ସୃଷ୍ଟିକାରୀ ଏକ ସାର୍ଥକ ସୃଷ୍ଟି ହିଁ 'ଅଜଣା ତିଥିର ଜହ୍ନ' । ତରୁଣକାନ୍ତିଙ୍କ ପ୍ରତ୍ୟେକଟି ଗଳ୍ପରେ କିଛି ନା କିଛି

ବ୍ୟତିକ୍ରମ ଥାଏ । ପ୍ରତ୍ୟେକ ଗଳ୍ପରେ କିଛି ନୂଆ କଥା ରହିଥାଏ । ତେବେ ଗୋଟିଏ ଗାଳ୍ପିକର ଯେଉଁ ଜୀବନଜୀଜ୍ଞାସା ରହିବା ଦରକାର ତାହା ତାଙ୍କଠାରେ ସଠିକ୍ ଭାବରେ ରହିଅଛି । ଜୀବନର ଶେଷହୀନ ରହସ୍ୟ ଓ ଜଟିଳତାର ରୂପକାର ଭାବରେ 'ଆକାଶସେତୁ' ଭଳି ଗଳ୍ପ ସେ ରଚନା କରି ପାରିଛନ୍ତି । ଜୀବନ ଓ ଜଗତ ସମ୍ପର୍କରେ ତାଙ୍କର ଜୀବନ ଜୀଜ୍ଞାସା (କାବ୍ୟ ଜୀଜ୍ଞାସା) ପରିପ୍ରକାଶ ପାଇଁ କ୍ଷୁଦ୍ରଗଳ୍ପ ଏକ ଆବେଗମୟ ଉଚ୍ଚାରଣ । ଗଳ୍ପ ମାଧ୍ୟମରେ ସେ ଶୁଦ୍ଧପୂତ ଜୀବନର ନନ୍ଦୀପାଠ କରିବାକୁ ଆରମ୍ଭିଛନ୍ତି । ତେଣୁ ତାଙ୍କର 'ଅବରୋହ', 'ସମୟ', 'ଆକାଶସେତୁ', 'କେହିଜଣେ ଆତତାୟୀ', ଦୂର ଅନ୍ତରୀପ', 'ଅରଣ୍ୟ ଆଦିମ', 'ଅନ୍ୱୟ', 'ଏକାଏକା ଆପଣାର', 'ଧୂଳିଘର', 'ସଞ୍ଚାର ପଥ' ଅଥବା ଅନ୍ୟାନ୍ୟ ସୃଷ୍ଟିର ପ୍ରତ୍ୟେକ ସ୍ତରରେ ଆମେ ଜୀବନଜୀଜ୍ଞାସାର ସ୍ୱାଦକୁ ଅନୁଭବ କରିପାରନ୍ତି । ୧୯୬୮ ରୁ ୧୯୯୯– ତିରିଶ ବର୍ଷର ଗଳ୍ପ ସାଧନା ଭିତରେ ବୟସ ବଢ଼ିବା ସହିତ ଗାଳ୍ପିକଙ୍କର ଦୃଷ୍ଟିଭଙ୍ଗୀ, ଜୀବନଚର୍ଯ୍ୟା ଓ ଜୀବନ ଦର୍ଶନ ବହୁଭାବରେ ବଦଳିଛି । 'ନିଃସଙ୍ଗତାର ସ୍ୱର' ୧୯୬୮ ରୁ 'ଅକାଶ ସେତୁ' ୧୯୯୯ ସୃଷ୍ଟି ଭିତରେ ତରୁଣକାନ୍ତିଙ୍କ ଗଳ୍ପ ବକ୍ତବ୍ୟରେ ପରିବର୍ତ୍ତନ ଆସିଅଛି । ପରିବର୍ତ୍ତନ ହେବା ସ୍ୱାଭାବିକ । କାରଣ ସମୟକ୍ରମେ ଗାଳ୍ପିକଙ୍କ ଚତୁଃପାର୍ଶ୍ୱର ପୃଥିବୀର ରୂପ ବଦଳିଛି । ଅନେକ ବୁଝି ହୋଇଥିବା କଥା ଆକସ୍ମିକ ଭାବେ ବୁଝିହେଉ ନଥିବାବେଳେ ଅନେକ ଚିରନ୍ତନ ସତ୍ୟ ଅବଲୀଳା କ୍ରମେ ନିର୍ମମ ମିଥ୍ୟାରେ ରୂପାନ୍ତରିତ ହୋଇଯାଉଛି । ତେଣୁ ନିଜ ଭିତରର ବ୍ୟର୍ଥତା ଏବଂ ଏକ ରକମର ଦିବ୍ୟ ଅସନ୍ତୋଷ ତରୁଣକାନ୍ତିଙ୍କୁ କାହାଣୀଟିଏ, ଚରିତ୍ରଟିଏ ଜୀବନର ମୁଗ୍ଧ ବିଭୋର ଦୁଃଖ ଖୋଜିବାକୁ ବାରମ୍ବାର ପ୍ରେରଣା ଦେଇଛି । ତାକୁ ହିଁ ଆଧାରକରି ଅନୁଭବର ତୀବ୍ରତା ଜରିଆରେ ସେ ଗଳ୍ପାମୋଦୀ ପାଠକ ପାଠିକାମାନଙ୍କୁ ନେଇଯାଇଛନ୍ତି ଚେତନାର ସୁନ୍ଦର ଇଲାକାକୁ । ଆବେଗର ସ୍ୱତଃସ୍ଫୁର୍ତ୍ତତା ଅପେକ୍ଷା ଅନୁଭବର ତୀବ୍ରତା ତାଙ୍କୁ ଗଳ୍ପ ଲେଖିବାକୁ ପ୍ରାଣ-ଶକ୍ତି ହିଁ ଯୋଗାଇଦେଇଛି । ଗାଳ୍ପିକଙ୍କ ମତରେ, ''କବିତା କିମ୍ବା ଗଳ୍ପ ସ୍ୱତଃସ୍ଫୁର୍ତ୍ତ ନୁହେଁ । ମୁଁ Spontaneity (ସ୍ୱତଃସ୍ଫୂର୍ତ୍ତି) ଅପେକ୍ଷା ତୀବ୍ରତା ଉପରେ ଅଧିକ ଗୁରୁତ୍ୱ ଦେବି । ତୀବ୍ର ଅନୁଭବ ନଥିଲେ ସାର୍ଥକ କବିତା କି କାହାଣୀଟିଏ ଲେଖିହେବ ନାହିଁ । ଏହି ତୀବ୍ର ଅନୁଭବ ଆଗ୍ନେୟଗିରିର ଉଦ୍‌ଗୀରଣ ନୁହେଁ । ଏହା କୁହୁଳୁ ଥିବା ଖଣ୍ଡେ ଜଳନ୍ତା ଅଙ୍ଗାର । କୁହୁଳିବା ପାଇଁ କିଛି ଇନ୍ଧନ ଦରକାର । ସାହିତ୍ୟ ତାର ମାଧ୍ୟମ । ମୋତେ କୌଣସି ଗପ ଲେଖିବାକୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିଛି ।''

ଗାଳ୍ପିକ ତରୁଣକାନ୍ତିଙ୍କ ଗଳ୍ପର ବୈଶିଷ୍ଟ୍ୟ ରହିଛି ତାଙ୍କ ଗଳ୍ପର ସୁନ୍ଦର ଓ ସାର୍ଥକ ଉପସ୍ଥାପନାରେ । ଗଳ୍ପ ପ୍ରତି ସତ୍ୟନିଷ୍ଠ ବିଶୁଦ୍ଧ ଜୀବନବାଦୀ ଏହି ଗାଳ୍ପିକଙ୍କର ପ୍ରତ୍ୟେକଟି ଗଳ୍ପରେ କିଛି ନା କିଛି ବକ୍ତବ୍ୟ ରହିଅଛି । ଜୀବନର ଅନ୍ତରଂଗ ଭାବନାକୁ ସେ ସଚେତନ ଭାବରେ ବହୁ ଗଳ୍ପରେ ପ୍ରକାଶ କରିଛନ୍ତି । ନିଜ ଅବଚେତନ ମନର ସଂଗୁପ୍ତଭାବନା ନିଜ ଅଜାଣତରେ ଫୁଟି ଉଠିଛି କେତେ ଗଳ୍ପରେ । ନିଜ ଭିତରେ ଥିବା ଦ୍ୱୈତସତ୍ତା– ଜଣେ ପ୍ରଶାସନିକ ଅଫିସର, ରାଜନ୍ୟବର୍ଗ ଅନ୍ୟଜଣେ ସାମାଜିକ ଭାବଭାବନାର ତୀବ୍ର

ଅନ୍ତର୍ଦାହରେ ସନ୍ତୁଳିତ ଛଟପଟ ମଣିଷ ବା ଲେଖକଟିଏ । ସେଥିପାଇଁ ତୀବ୍ର ମାନସିକ ଅନ୍ତର୍ଦାହର ଚିତ୍ରକୁ ନେଇ 'ରେବତୀ' ଭଳି ଉଚ୍ଚକୋଟୀର ଗଳ୍ପର ସୃଷ୍ଟି । ଗାଳ୍ପିକ ତରୁଣକାନ୍ତି ଯଥାର୍ଥରେ ସ୍ୱୀକାର କରିଛନ୍ତି, ''ମୋର ସେହି ମାନବିକ ଗ୍ଲାନି ଓ ହତାଶା ଭିତରୁ ଜନ୍ମନେଇଛି ଏ (ରେବତୀ) କାହାଣୀ ।

ତରୁଣକାନ୍ତିଙ୍କର ପ୍ରାୟ ସବୁ ଗଳ୍ପରେ ସୁନ୍ଦର କାହାଣୀର କ୍ରମ-ବିକଶିତ ରୂପ ଦେଖିବାକୁ ମିଳିଥାଏ । କାହାଣୀ ନଥାଇ (Story Point) ଗଳ୍ପ ଲେଖିବାରେ ସେ ଆପାତତଃ ବିରୋଧୀ । ତେବେ ଅତିରିକ୍ତ ଉତ୍କଣ୍ଠା ଓ ନାଟକୀୟତାକୁ ନିୟନ୍ତ୍ରଣ କରି ପାଠକୀୟ ଉତ୍କଣ୍ଠା ଶେଷଯାଏ ଜାହିର କରିବାକୁ ସେ ସଦା ଚେଷ୍ଟିତ ଥାଆନ୍ତି । ବାସ୍ତବ ଜୀବନ ସହିତ ସମ୍ପର୍କ ରଖିଥିବା ଏହି ଶିଳ୍ପୀଜଣକ ତା'ର ପରିଣତି ସ୍ୱରୂପ ଗଳ୍ପଭଳି ମନନଶୀଳ ସୃଷ୍ଟି ସମ୍ପଦରେ ହାତଦେଇ ସଫଳତାର ସହିତ ଉତ୍‌କୀର୍ଣ୍ଣ ହୋଇଛନ୍ତି । ଗତାନୁଗତିକ ଚରିତ୍ର ଠାରୁ ଦୃଷ୍ଟି ଫେରାଇ, ଆଖିରେ ପଡୁନଥିବା ମଣିଷ ଓ ତା'ର ଜୀବନଚର୍ଯ୍ୟାକୁ ନେଇ ଗଳ୍ପ ଲେଖି ଆଧୁନିକ ଗଳ୍ପ ରାଜ୍ୟକୁ ବେଶ୍ ସମୃଦ୍ଧ କରିପାରିଛନ୍ତି । ତା'ର ସଫଳତମ ପରିପ୍ରକାଶ ହୁଏତ ଗାଳ୍ପିକଙ୍କର ସପ୍ତମ ଗଳ୍ପ ସଂକଳନ 'ଆକାଶସେତୁ' ହୋଇପାରେ । ପନ୍ଦରବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶିତ ହୁଏ ସେହି ସମୟର ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ଆସନ୍ତାକାଲି'ରେ । ସେହି ଗଳ୍ପଟି ଏବେ ଖୋଜିଲେ ମିଳିବା ଅବଶ୍ୟ କଷ୍ଟ, କିନ୍ତୁ ତାଙ୍କ ଛାତ୍ର ଜୀବନରେ ରଚିତ ମଧୁର ସ୍ୱାଦସିକ୍ତ ଗଳ୍ପ ଏବେ ମଧ ପାଠକ ମହଲରେ ଉଚ୍ଚାରିତ ହୁଏ । ଏ ସମ୍ପର୍କରେ ଗାଳ୍ପିକ ଏକ ମଧୁରସ୍ମୃତିର ଅବତାରଣା କରି କହିଛନ୍ତି, ''ମୁଁ କେବେ ମୋର ପ୍ରଥମ ଗଳ୍ପଟି ଲେଖିଥିଲି ମନରେ ପଡୁନାହିଁ । ମୋର ପ୍ରଥମ କ୍ଷୁଦ୍ରଗଳ୍ପ ପ୍ରକାଶ ପାଇଥିଲା ମୁଁ ଦଶମ ଶ୍ରେଣୀର ଛାତ୍ରଥିବା ସମୟରେ । ମୋର ଗପଟିର ସାରାଂଶ ମୁଁ ଶୁଣିଥିଲି ଜଣେ ଅଚିହ୍ନା ରେଳଯାତ୍ରୀଙ୍କ ଠାରୁ, ତା'ର କେତେବର୍ଷ ପରେ । ସେ ମୋର ଗପଟିକୁ ଶୁଣାଉଥିଲେ ତାଙ୍କର ଜଣେ ବନ୍ଧୁଙ୍କୁ ଅତି ସଂକ୍ଷେପରେ । ମୋର ସେତେବେଳେ ସାହସ ହେଲା ନାହିଁ କହିବାକୁ ଯେ ଏ ଗପଟିର ଲେଖକ ମୁଁ । ଏହାର କେତେବର୍ଷ ପରେ, ଗୋଟିଏ ଜହ୍ନରାତିରେ ମୋ ସହିତ ବଗିଚାରେ ବସି ଗପସପ କରୁକରୁ ମୋ ଘରକୁ ଆସିଥିବା ଜଣେ ଅତିଥି ଆକାଶକୁ ଚାହିଁ କହିଥିଲେ, ଏମିତି ଜହ୍ନରାତିରେ ମୋର ଗୋଟିଏ ଗପ କଥା ମନେପଡ଼େ, ଯେଉଁଥିରେ ଦିଧାଡ଼ି କବିତା ବି ଥିଲା ଏଇମିତି :

''ତୁମେ କେଉଁ ସ୍ୱପ୍ନ-ନୀଳ ଆକାଶର ତାରା
ଦୂର କେଉଁ ଗ୍ରହର ଇସାରା ।''

ତା'ପରେ ସେ କହିଥିଲେ ଏ ଗୋଟେ ପୁରୁଣା ଲେଖା । ଲେଖକ କିଏ ମୁଁ ଜାଣେନା, ହୁଏତ ସେ ଲୋକ ମରିହଜି ଗଲାଣି । ଭଦ୍ରଲୋକଙ୍କର ଏହି ମୃତ୍ୟୁଦଣ୍ଡ ମୋ ପାଇଁ ଗ୍ରହଣଯୋଗ୍ୟ ନଥିବାରୁ ମୁଁ ବାଧହୋଇ କହିଥିଲି, ଗପଟି ପ୍ରକାଶିତ ହୋଇଥିଲା 'ଝଙ୍କାର'

ପତ୍ରିକାରେ ୧୯୭୨ ମସିହାରେ ଓ ଏହାର ଲେଖକର ନାମ ତରୁଣକାନ୍ତି ମିଶ୍ର । ଏ ଗପଟି ଆପଣ ବି ପଢ଼ିଥିବେ, ଗପଟିର ନାମ 'ଅନେକଦୂର' ।''

ସଦା ବିନୟୀ ଶିଳ୍ପୀ ତରୁଣକାନ୍ତିଙ୍କ ପଛରେ ରହିଛି ବିଷ୍ଣୁଶର୍ମା ଓ ଇଶପ୍‌ଙ୍କ ଠାରୁ ଆରମ୍ଭକରି ବାସେଭିସ୍ ସିଙ୍ଗର ଓ ଦୀପକ ପାଲଙ୍କ ପର୍ଯ୍ୟନ୍ତ ଦୀର୍ଘ କ୍ୟାନଭାସ । ରହସ୍ୟମୟ ଜୀବନର ବ୍ୟାପକ କ୍ୟାନଭାସର ପୃଷ୍ଠଭୂମିରେ ଶିଳ୍ପୀ ଗଳ୍ପ ଲେଖିଚାଲିଛନ୍ତି । ଶିଳ୍ପୀଙ୍କର ମନେହୁଏ ତାଙ୍କ ଜୀବନରେ କେଉଁଠି ଅପୂର୍ଣ୍ଣତା ଶୂନ୍ୟତା ରହିଗଲା । ସେ ଶହେଭାଗ ଲେଖକତ୍ୱ ପାଇଲେ ନାହିଁ । ତାଙ୍କୁ ଥରେ ଯଦି କିଏ ପୁଣିଥରେ ଜୀବନଟିଏ ବଞ୍ଚିବାପାଇଁ କୁହେ, ତେବେ ଲେଖକ 'ପ୍ରଶାସକ'ର କୃତ୍ରିମ ପୋଷାକ ଫିଙ୍ଗିଦେଇ ସହଜ ସରଳ ଜୀବନଟିଏ ହିଁ ଚାହିଁବେ ।

ସ୍ୱଚ୍ଛନ୍ଦଶୈଳୀ ଓ ସୁନ୍ଦର ବାକ୍ୟବିନ୍ୟାସ ହିଁ ତରୁଣକାନ୍ତିଙ୍କ ଗଳ୍ପର ଅନ୍ୟତମ ପ୍ରଧାନ ବୈଶିଷ୍ଟ୍ୟ । ତାଙ୍କର ଗଳ୍ପାବଳୀରେ ଭାବର ବିବିଧତା ଯେପରି ସ୍ୱକୀୟ, ଭାଷାର ବୈଚିତ୍ର୍ୟ ଓ ପରିଚ୍ଛନ୍ନତା ହିଁ ସେହିପରି ଗୁରୁତ୍ୱପୂର୍ଣ୍ଣ । ତେଣୁ ଶୈଳୀ ଯୁଗନିର୍ଭର ହେଲେ ହେଁ ପ୍ରତ୍ୟେକ ସୃଜନଶୀଳ ସ୍ରଷ୍ଟାର ଏକ ନିଜସ୍ୱ ଶୈଳୀ ରହିଛି । ତରୁଣକାନ୍ତିଙ୍କ ଅଭିବ୍ୟକ୍ତିର ଭାଷା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ନିଆରା । ଭାଷା ଓ ଭାବପ୍ରକାଶରେ ବିବିଧତା ରହିଛି ବୋଲି ପ୍ରତ୍ୟେକଙ୍କୁ ଜୀବନ ସରସ ଓ ସୁନ୍ଦର ମନେହୁଏ । ଗାଳ୍ପିକ କୃତ୍ରିମ ଓ ଆବରଣଯୁକ୍ତ ଭାଷାକୁ ବ୍ୟବହାର କରିବାକୁ ପସନ୍ଦ କରନ୍ତି ନାହିଁ । ଗରମ ବରା ଭଳି ଖାଲି ଉଷ୍ମତା ଥାଇ କିଛିକାଳପାଇଁ ଚମକେଇ ଦେବାର ଦୁର୍ବୋଧ ଭାଷା ଓ ଶୈଳୀ ବ୍ୟବହାର କରିବା ତାଙ୍କ ସୃଜନଶୀଳ ଭାବନା ଓ ମୂଲ୍ୟବୋଧର ବିପରୀତ ଦିଗ । ତେବେ ତରୁଣକାନ୍ତିଙ୍କ ଗଳ୍ପ କଥନର ଅଭିପ୍ରାୟ ସମୟ ଓ ବ୍ୟକ୍ତିତ୍ୱର ପରିବର୍ତ୍ତନ ସହିତ ଯଥାର୍ଥ ଉତ୍ତରଣ ଘଟିଛି । ପ୍ରତ୍ୟେକ ଗଳ୍ପର ଅନ୍ତଃସ୍ୱର ପରସ୍ପରଠାରୁ ଭିନ୍ନ ମନେହେଲେ ହେଁ ଶୈଳୀ ପ୍ରାୟ ଏକାପରି– 'ତରୁଣକାନ୍ତୀୟ ଶୈଳୀ' କୁହାଯାଇପାରେ । ଗଳ୍ପରେ ଯଥାସମ୍ଭବ କମ୍ ପରୀକ୍ଷା ନିରୀକ୍ଷା ଭିତରେ ମଧ୍ୟ ଗାଳ୍ପିକ ଚେଷ୍ଟାକରିଛନ୍ତି ବାସ୍ତବ ଜୀବନ ଭିତରର ନାଟକୀୟ ବିସ୍ମୟକୁ ଅବିକଳ ଚିହ୍ନିତ କରିବା ପାଇଁ । ଗାଳ୍ପିକଙ୍କ ଛଳନାହୀନ ବକ୍ତବ୍ୟ ପାଇଁ ସେ ଧନ୍ୟବାଦାର୍ହ ।

ଗାଳ୍ପିକ ତରୁଣକାନ୍ତିଙ୍କ ଗଳ୍ପର ସଫଳତା ପଛରେ ରହିଛି ତାଙ୍କର ଦାର୍ଶନିକ ସୁଲଭ ଦୃଷ୍ଟିଭଙ୍ଗୀ । ଜଗତ ଓ ଜୀବନକୁ ସେ ଏକ ପରିବ୍ୟାପ୍ତ ଦୃଷ୍ଟିଭଙ୍ଗୀରେ ଦେଖିବାବେଳେ ତାଙ୍କର ଗଳ୍ପଗୁଡ଼ିକରେ ଏହାର ସ୍ୱାଭାବିକ ପ୍ରତିଫଳନ ଘଟିଛି । ତେବେ ଗାଳ୍ପିକ ନିର୍ଦ୍ଦିଷ୍ଟ କୌଣସି ଦର୍ଶନ ଭିତରେ ସୀମିତ ନରହି କିମ୍ବା ଦର୍ଶନର ଆଟୋପରେ ଗଳ୍ପଗୁଡ଼ିକୁ ଅଯଥା ଗୁରୁଗମ୍ଭୀର କିମ୍ବା ଭାରାକ୍ରାନ୍ତ ନକରି ନିଜ ସମୟର ଜୀବନବୋଧକୁ ଦାର୍ଶନିକ ଜିଜ୍ଞାସା ସହ ଗଳ୍ପ ଭିତରେ ଗୁମ୍ଫିତ କରିଛନ୍ତି । ତେଣୁ ତାଙ୍କ ଗଳ୍ପଗୁଡ଼ିକ ସୁପାଠ୍ୟ ହେବା ସହିତ ପାଠକ ପାଠିକାଙ୍କୁ ଆବେଦନରେ ଆଲୋଡ଼ନ ଆଣି ଦେଇଛି । ପ୍ରେମ, ଈଶ୍ୱର, ସମୟ କିମ୍ବା ମୃତ୍ୟୁ ଗାଳ୍ପିକଙ୍କ ନିକଟରେ ରହସ୍ୟମୟ ମନେହେଲେ ହେଁ ତାଙ୍କର ଗଳ୍ପାବଳୀରେ ଏହାର କଳାତ୍ମକ ବ୍ୟଞ୍ଜନାର ପରିପ୍ରକାଶ ଘଟିଛି । ଗାଳ୍ପିକ ତାଙ୍କର ପ୍ରତ୍ୟେକଟି ଗଳ୍ପରେ

ମାନବୀୟ ମୂଲ୍ୟବୋଧ ଉପରେ ପ୍ରାୟତଃ ଗୁରୁତ୍ୱ ଆରୋପ କରିଛନ୍ତି । ସମୟର ବିବର୍ତ୍ତନ ଧାରାରେ ମାନବୀୟ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଶୁଦ୍ଧତା ଆଦି ଆପେକ୍ଷିକ ମନେହେଲେ ହେଁ ଗାଳ୍ପିକଙ୍କ ଅନ୍ତଃମନରେ ଏଥିପ୍ରତି ଏକ ସହଜାତ ଦୁର୍ବଳତା ଥିବା ପରି ମନେହୁଏ । ଆମ ସମାଜର ଆର୍ଥନୀତିକ ଜୀବନର ବିପୁଳତା ଭିତରେ ବିଭିନ୍ନ ଶ୍ରେଣୀର ଚରିତ୍ରମାନଙ୍କୁ ପ୍ରତ୍ୟକ୍ଷ ହେବାବେଳେ ଲେଖକ ସାମାଜିକ ପଟ୍ଟଭୂମିକୁ ଦୂରେଇ ଦେଇ ପାରୁନାହାନ୍ତି । ସେଥିପାଇଁ ତାଙ୍କ ଗଳ୍ପଗୁଡ଼ିକ ପ୍ଲଟ୍‌ହୀନ ନହୋଇ କାହାଣୀଧର୍ମୀ ହୋଇପାରିଛି । ତେବେ ଜୀବନସହ ବାସ୍ତବତାର ଯୋଗସୂତ୍ରଟି ଗାଳ୍ପିକଙ୍କର ବେଶ୍ ପ୍ରଶଂସନୀୟ । କାରଣ ଗାଳ୍ପିକ ତରୁଣକାନ୍ତିଙ୍କର କ୍ଷୁଧା ଅପେକ୍ଷା ଇନ୍ଦ୍ରିୟାବେଗଜନିତ ଦେହର କ୍ଷୁଧା ତେଇଁ ମଣିଷର ମନ ଉପରେ ଚେତନା ବୋଲି ଯେଉଁ ସୂକ୍ଷ୍ମ ଜଗତଟିଏ ଅଛି ସେ ବାସ୍ତବତାକୁ ଗାଳ୍ପିକ ଅସ୍ୱୀକାର କରୁନାହାନ୍ତି । ଏତଦ୍‌ବ୍ୟତୀତ ଚେତନାର ଅନ୍ତଃସ୍ୱରକୁ ନିଜ ଗଳ୍ପାବଳୀରେ ପ୍ରକଟନ କଲାବେଳେ ମଣିଷର ଦୁର୍ଭାଗ୍ୟ ଓ ମୃତ୍ୟୁର ବିଡ଼ମ୍ବନା ଭିତରେ ଜୀବନର ନିମନ୍ତ୍ରଣକୁ ସ୍ୱାଗତ ସମ୍ଭାବନାମୟ କରିପାରିଛନ୍ତି । ଗାଳ୍ପିକ ତରୁଣକାନ୍ତିଙ୍କର ଗଳ୍ପର ଏକ ବଳିଷ୍ଠ ଦିଗ ରହିଛି ନାରୀ ଚରିତ୍ରମାନଙ୍କୁ ମୌଳିକ ଭାବରେ ପରିପ୍ରକାଶ କରିବାରେ । ସୃଷ୍ଟିରେ ମୌଳିକ ବିଭବ ନାରୀ କେବଳ ସମ୍ଭୋଗର ହେତୁ ଅଥବା ପୀଠ ପୀଠିକା ନୁହେଁ ପକ୍ଷାନ୍ତରରେ ସେମାନେ ସୃଜନଶୀଳତାର ପ୍ରତିଭୂ– ମାନବିକ ମୂଲ୍ୟବୋଧର ଅଙ୍ଗ ଓ ଅଂଶ ବିଶେଷ । ସେମାନଙ୍କୁ ବାଦ୍‌ଦେଇ ସୃଷ୍ଟିରେ ସୃଜନଶୀଳତା କଥା ଚିନ୍ତାକରାଯାଇ ନପାରେ । ନାରୀର ମୁକ୍ତିରେ ଯେ ନାରୀର ପ୍ରକୃତ ସ୍ଥିତି ଫୁଟି ଉଠେ; ପାଠକପାଠିକାଙ୍କୁ ଗାଳ୍ପିକ ଏ ପ୍ରକାର ସତ୍ୟର ନିକଟବର୍ତ୍ତୀ କରିପାରିଛନ୍ତି । ନାରୀ ସମ୍ପର୍କରେ ପୁରୁଷମାନଙ୍କର ରହି ଆସିଥିବା ଅବାଞ୍ଛିତ ଦୃଷ୍ଟିଭଙ୍ଗୀ ବଦଳାଇବା ସମ୍ପର୍କରେ ଗାଳ୍ପିକ ପ୍ରଚେଷ୍ଟା ରଖିଛନ୍ତି । ସକଳ ନାରୀମାନଙ୍କ ଭିତରେ ଉଦ୍‌ବେଗର ଯେଉଁ ବାତାବରଣ ରହିଛି ତାହା ଅତୀନ୍ଦ୍ରିୟ ଚେତନା ଅଥବା ଚିରନ୍ତନ ସମ୍ପର୍କର ନିବିଡ଼ତା ହୋଇପାରେ । ଗାଳ୍ପିକ ବହୁ ଗଳ୍ପରେ ତାକୁ ହିଁ ଉଖାରି ଦେଖାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ମୁଁ ଅଧ୍ୟାପକ ମନମୋହନ ଦାଶଙ୍କ ସହ ଏକମତ ଯେ ଗାଳ୍ପିକ ତରୁଣକାନ୍ତି, ପ୍ରାୟ ପ୍ରତ୍ୟେକ ଗଳ୍ପରେ ଆତ୍ମିକ ଅଙ୍ଗୀକାରବଦ୍ଧତା ସହ ପରିବେଶ, ଚରିତ୍ର ଓ ଘଟଣାର ଅନୁଭବକୁ ଅଧିକ ସୂକ୍ଷ୍ମତର କରିବାପାଇଁ ତାଙ୍କ ରଚିତ ଗଳ୍ପାବଳୀରେ ଯେଉଁ ଚିତ୍ରମାନ ନିର୍ମାଣ କରିଛନ୍ତି, ତାହା ଯେ ନିଶ୍ଚିତ ଭାବରେ ଜଣେ ସଫଳ ପ୍ରତିଭାର ଅପେକ୍ଷା ରଖେ, ଏକଥା ସ୍ୱୀକାର କରିବାରେ ଆମର ସାମାନ୍ୟତମ ଦ୍ୱିଧା ନାହିଁ । ଓଡ଼ିଆ ଗଳ୍ପକୁ ପ୍ରତିନିଧିତ୍ୱ କରୁଥିବା ତରୁଣକାନ୍ତି ମିଶ୍ର ଜଣେ ପ୍ରଥମ ଶ୍ରେଣୀର ସ୍ରଷ୍ଟା କହିଲେ ସତ୍ୟର ଅପଳାପ ହେବ ନାହିଁ ।

ଜଣେ ତରୁଣ ରାଜପୁତ୍ର ଭଳି ତରୁଣକାନ୍ତି ଓଡ଼ିଆ ଗଳ୍ପଜଗତକୁ ପ୍ରବେଶ କରିଛନ୍ତି ଦୀପ୍ତିମାନ ଚାହାଣୀର ଛଟା ଓ ଝଲକ ନେଇ । ବିବିଧ ଭାବର ଗାମ୍ଭୀର୍ଯ୍ୟ ଓ ଭାଷାର ପରିଚ୍ଛନ୍ନତା ତଥା ସାହିତ୍ୟ ପ୍ରତି ତାଙ୍କର ଆତ୍ମିକ ଅଙ୍ଗୀକାରବଦ୍ଧତା ତାଙ୍କୁ ଓଡ଼ିଆ ଗଳ୍ପରାଜ୍ୟରେ ବହୁ ସମ୍ଭାବନାମୟ ସ୍ରଷ୍ଟାର ଗୌରବ ଆଣି ଦେଇଛି । ତେବେ 'ରେବତୀ',

'କୋମଳ ଗାନ୍ଧାର', 'ଅବରୋହ', 'ସାଙ୍କେତିକ', 'ଆକାଶସେତୁ', 'ପୃଥିବୀର ଓଜନ', 'ନୀଡ଼', 'ଅନେକଦୂର', 'ନଦୀର ନାମ ସ୍ରୋତ', 'ରଜନୀ ଗନ୍ଧା', 'ଅଜଣା ତିଥିର ଜହ୍ନ', 'ନିଃସଙ୍ଗତାର ସ୍ୱର', 'ତ୍ରିଭୁଜର ଚତୁର୍ଥ ବାହୁ', 'ସୁଦାମାର ଠିକଣା', 'ହଜିଯାଇଥିବା ଲୋକଟି', 'ସ୍ୱପ୍ନ ଓ ସୌଦାଗର', 'ବିବସ୍ତ୍ର', 'ଅମୃତାୟନ', 'ନାହିଁ ନାହିଁର ପୃଥିବୀ', 'ବୀତଂସ' ଇତ୍ୟାଦି ଶତାଧିକ ସଫଳ ଗଳ୍ପ ଯୁଗଚେତନାର ସ୍ମାରକୀ ଭାବରେ ନୀରବ ସାଧକ ତରୁଣକାନ୍ତିଙ୍କୁ ପ୍ରଥିତଯଶା କରିବାରେ ସହାୟକ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କ୍ରମଶଃ......

ରିଡର, ଓଡ଼ିଆ ବିଭାଗ,
କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା-୭୫୪୨୧୧

## ସହାୟକ ଗ୍ରନ୍ଥ ସୂଚୀ :

୧. ତରୁଣକାନ୍ତି ମିଶ୍ରଙ୍କ ସମସ୍ତ ଗଳ୍ପ ପୁସ୍ତକ ସମୂହ ।
୨. ପୂଜା ସଂଖ୍ୟା ୨୦୦୦ 'ବିଶ୍ୱମୁକ୍ତି' ।
୩. କଥା କଥା : କବିତା କବିତା (ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା) ।
୪. 'ସମାଜ' ଖବରକାଗଜ ।
୫. ପୂଜାସଂଖ୍ୟା ୧୯୯୯ ଓ ୨୦୦୦ 'ବର୍ତ୍ତିକା' ।